## ଆଇଆଇଟି ୫ମ ସମାବର୍ତ୍ତନ ଉତ୍ସବ ପାଳିତ

# ଭବିଷ୍ୟତକୁ ଭାବନାରେ ସୀମିତ ରଖ ନାହିଁ




ଭୁବନେଶ୍ୱର(ବ୍ୟୁରୋ),ଜାଁଳା(ଆପ୍ର),୩୦।୮: ନିଜ ଭବିଷ୍ୟତକୁ ଭାବନା ଭିତରେ ସୀମିତ ରଖ ନାହିଁ। ନିଜର ଧ୍ୟାନକୁ ଲକ୍ଷ୍ୟସ୍ଥଳରେ ହିଁ କେନ୍ଦ୍ରିତ କର। ଭାବନାର ପାଚେରୀରେ ବାହାରି ନିଜ ଦକ୍ଷତା ଓ କୌଶଳକୁ କାର୍ଯ୍ୟରେ ଲଗାଇ ଦେଖାଅ। ତାହେଲେ ଯାଇ ତମେ ବିଶ୍ୱ ବିଜେତା ହୋଇପାରିବ। ଏପରି କହିଛନ୍ତି ଜାତୀୟ ମାନ୍ୟତା ବୋର୍ଡ(ନ୍ୟାସନାଲ୍ ବୋର୍ଡ ଅଫ୍ ଆକ୍ରିଡେସନ୍)ର ଅଧକ୍ଷ ତଥା ଆଇଆଇଟି ଦିଲ୍ଲୀର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁରେନ୍ଦ୍ର ପ୍ରସାଦ।

ଆଇଆଇଟି ଭୁବନେଶ୍ୱରର ୫ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ପ୍ରସାଦ କହିଥିଲେ, ଗୋଟିଏ ଆଦର୍ଶ ଶିକ୍ଷାନୁଷ୍ଠାନ ଶିକ୍ଷାଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞ କରିବା ପାଇଁ ତାଲିମ ଦେଇଥାଏ। ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତା ମୂଳକ ସମାଜରେ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟକ୍ରମ ସହ ପାଠ୍ୟ ବହିର୍ଭୂତ କ୍ଷେତ୍ରରେ ନିଜକୁ ସଫଳ ଭାବେ ପ୍ରତିପାଦିତ କରିବାକୁ ପଡୁଛି। ଆଇଆଇଟିର ଛାତ୍ର ଭାବେ ନିଜର ଦକ୍ଷତାକୁ ବିଶ୍ୱସ୍ତରରେ ପ୍ରମାଣିତ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ।

ଆଇଆଇଟି ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବ ଆଜି ଜଟଣୀ ସ୍ଥିତ ଅରୁଗୁଳ କମ୍ୟୁନିଟି ସେଣ୍ଟରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଆର୍ ଭି ରାଜକୁମାର କୃତି ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ଏଥିରେ ୨୪୧ ଜଣଙ୍କୁ ଡିଗ୍ରୀ ମିଳିବା ସହ ୭ଜଣଙ୍କୁ ଡକ୍ଟରିଏଟ୍, ୫୫ଜଣଙ୍କୁ ଏମ୍‌ଟେକ୍, ୬୯ଜଣଙ୍କୁ ଏମ୍‌ଏସ୍‌ସି ଓ ୧୧୦ଜଣଙ୍କୁ ବିଟେକ୍ ଡିଗ୍ରୀ ଦିଆଯାଇଥିଲା। ବିଟେକ୍‌ରେ ସର୍ବାଧିକ ନମ୍ବର ରଖି ପାସ୍ କରିଥିବା ସ୍କୁଲ୍ ଅଫ୍ ଇଲେକ୍ଟ୍ରିକାଲ୍ ସାଇନ୍ସେସ୍ ବିଭାଗର ଛାତ୍ର ପ୍ରିୟମ୍ ଦେଙ୍କୁ ମୁଖ୍ୟ ଅତିଥି ପ୍ରଫେସର ସୁରେନ୍ଦ୍ର ପ୍ରସାଦ ଭାରତର ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ(ଦ ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ ଗୋଲ୍ଡ ମେଡାଲ୍) ଦେଇ ସମ୍ମାନିତ କରିଥିଲେ। ସେହିପରି ଏମଟେକ୍‌ରେ ସର୍ବାଧିକ ନମ୍ବର ରଖିଥିବା ମେକାନିକାଲ୍ ସାଇନ୍ସେସ୍ ବିଭାଗର ଛାତ୍ରୀ ଶୁଭଶ୍ରୀ ସୁବୁଦ୍ଧି ଓ ଏମଏସ୍‌ସିରେ ସର୍ବାଧିକ ନମ୍ବର ରଖିଥିବା ସ୍କୁଲ୍ ଅଫ୍ ଆର୍ଥ, ଓସେନ୍ ଆଣ୍ଡ କ୍ଲାଇମେଟ୍ ସାଇନ୍ସେସ୍‌ର ଛାତ୍ରୀ ଶ୍ୱେତା ସିଂଙ୍କୁ ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ(ଡାଇରେକ୍ଟର୍ସ ଗୋଲ୍ଡ ମେଡାଲ୍) ଦିଆଯାଇଥିଲା।

## ୨୪୧ଜଣଙ୍କୁ ଡିଗ୍ରୀ, ପ୍ରିୟମ୍ ଦେଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ

ବିଟେକ୍‌ରେ ନିଜ ନିଜ ବିଭାଗରେ ସର୍ବାଧିକ ନମ୍ବର ରଖିଥିବାରୁ ପ୍ରଣୟ ଗୌର, ପ୍ରିୟମ୍ ଦେ ଓ ବଡେପୁଡି ରେବନାଥଙ୍କୁ ଇନଷ୍ଟିଚ୍ୟୁଟ୍ ରୌପ୍ୟ ପଦକ(ଇନଷ୍ଟିଚ୍ୟୁଟ୍ ସିଲଭର୍ ମେଡାଲ୍) ମିଳିଥିଲା। ସେହିପରି ଏମଟେକ୍‌ରେ ନିଜ ବିଭାଗରେ ସର୍ବାଧିକ ନମ୍ବର ରଖିଥିବାରୁ ଶୁଭଜ୍ୟୋତି ରାୟ, ଦୀପାଞ୍ଜନ ଦେ, ପ୍ରିୟଙ୍କା ଦେ, ଅଚଲେକର ପଙ୍କଜ ଦିଲ୍ଲୀପ, ଶୁଭଶ୍ରୀ ସୁବୁଦ୍ଧି ଓ ଅଂଶୁମାନ ଚ୍ୟାଉପଟ୍ଟନାୟକଙ୍କୁ ଇନଷ୍ଟିଚ୍ୟୁଟ୍ ରୌପ୍ୟ ପଦକ(ଇନଷ୍ଟିଚ୍ୟୁଟ୍ ସିଲଭର୍ ମେଡାଲ୍) ମିଳିଛି। ଏମ୍‌ଏସ୍‌ସିରେ ମଧ୍ୟ ସର୍ବାଧିକ ନମ୍ବର ପାଇଁ ଶ୍ୱେତା ସିଂ, ସୀମା ପାରିକ୍, ଉର୍ମି ଘୋଷ, ଦୀକ୍ଷା ତିୱାରୀ ଓ ବସୁନ୍ଧରା ଘୋଷଙ୍କୁ ଇନଷ୍ଟିଚ୍ୟୁଟ୍ ରୌପ୍ୟ ପଦକ(ଇନଷ୍ଟିଚ୍ୟୁଟ୍ ସିଲଭର୍ ମେଡାଲ୍) ମିଳିଛି। ଉତ୍ସବରେ ଆଇଆଇଟି ଭୁବନେଶ୍ୱରର ବୋର୍ଡ ଅଫ୍ ଗଭର୍ଣ୍ଣରର୍ସ ଅଧକ୍ଷ ପଙ୍କଜ ରମଣଭାଇ ପଟେଲ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ, ଶିକ୍ଷକ ଓ କର୍ମଚାରୀମାନେ ଉତ୍ସବରେ ଉପସ୍ଥିତ ଥିଲେ।